# ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟୀ ବୈଠକ ଅନୁଷ୍ଠିତ ।

## ଚଳିତ ମାସ ୧୮ ତାରିଖରୁ ଫେବୃଆରୀ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବ ଜାତୀୟ ସଡକ ସୁରକ୍ଷା ମାସ ।

ଅନୁଗୋଳ, ତା. ୧୪.୦୧:- ରାସ୍ତା ଦୂର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଆହତମାନଂକୁ ତୁରନ୍ତ ଚିକିତ୍ସାସେବା ଯୋଗାଇ ଦେବା ସମ୍ପର୍କରେ ଗଠିତ ଜିଲ୍ଲା ସଡକ ସୁରକ୍ଷା କମିଟୀର ବୈଠକ ଗତକାଲି ମଧ୍ୟାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ବିଗତ ବର୍ଷରେ ଘଟିଥିବା ଦୁର୍ଘଟଣା ଓ ଏହାର ହାରକୁ କମାଇବାକୁ ନେଇ ଯୁଗ୍ମ ନିରୀକ୍ଷଣ ରିପୋର୍ଟ ନିୟମିତ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ଏହି ବୈଠକ ମାଧ୍ୟମରେ ସଡକ ସୁରକ୍ଷା ସମ୍ପର୍କୀତ ତଥ୍ୟକୁ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତବର୍ଷ ମାର୍ଚ୍ଚ ମାସରୁ ଅଗଷ୍ଟ ମାସ ମଧ୍ୟରେ କରୋନାର ପ୍ରାର୍ଦୁଭାବକୁ ନେଇ ସମ୍ପୂର୍ଣ୍ଣ ଲକ୍ ଡାଉନ୍ ଥିବା ସତ୍ତ୍ୱେ ଦୁର୍ଘଟଣାର ହାରରେ କୌଣସି ନିୟନ୍ତ୍ରଣ ହୋଇପାରିନଥିଲା । ବାରମ୍ବାର ଦୁର୍ଘଟଣା ଘଟି ଗୁରୁତର ଆହାତ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ । ସମସ୍ତ ପ୍ରକାର ସାଘାଂତିକ ଦୁର୍ଘଟଣାର ଯୁଗ୍ମ ନିରୀକ୍ଷଣ ରିପୋର୍ଟ ବୈଠକରେ ପ୍ରଦାନ କରି ଦୁର୍ଘଟଣାର କାରଣକୁ ବିଶ୍ଳେଷଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉଭୟ ଅନୁଗୋଳ ଓ ତାଳଚେର ଆଂଚଳିକ ପରିବହନ ଅଧିକାରୀ ଚିହ୍ନଟ ହୋଇଥିବା ବ୍ଲାକ୍ ସ୍ପଟରେ ଘଟୁଥିବା ଦୁର୍ଘଟଣାକୁ ନିୟମିତ ଯାଞ୍ଚ କରି ଜିଲ୍ଲାପାଳଂକୁ ରିପୋର୍ଟ ମାଧ୍ୟମରେ ଅବଗତ କରିବେ । ଦୁର୍ଘଟଣା ପାଇଁ ଯୁଗ୍ମ ନିରୀକ୍ଷଣ ଦାୟିତ୍ୱରେ ଥିବା ବିଭାଗଗୁଡିକ ସାଂଘାତିକ ଦୁର୍ଘଟଣା ଘଟୁଥିବାର ପ୍ରତିକାର ପଦକ୍ଷେପ ସମ୍ପର୍କରେ ଜଣାଇବା ସହ ଆରକ୍ଷୀ ଅଧିକ୍ଷକ, ଉଭୟ ଆଂଚଳିକ ପରିବହନ ଅଧିକାରୀ,

ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ରାସ୍ତା ଦୁର୍ଘଟଣା ଓ ଏହାର ଆନୁସଂଗୀକ ସମସ୍ୟାକୁ ଅନୁଧ୍ୟାନ କରି ନିଜ ବିଭାଗ ମାଧ୍ୟମରେ ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବେ । ଯୁଗ୍ମ ନିରିକ୍ଷଣ ଟିମ୍ ଦୁର୍ଘଟଣାର ବିଶ୍ଳେଷଣ ସମ୍ପର୍କରେ ଏକ ବିସ୍ତିର୍ଣ୍ଣ ଅନୁପାଳନ ରିପୋର୍ଟ ଜିଲ୍ଲା ସଡକ ସୁରକ୍ଷା କମିଟୀର ସଦସ୍ୟମାନଂକୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକରେ ଚଳିତ ବର୍ଷ ଜାତୀୟ ସଡକ ସୁରକ୍ଷା ମାସ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା । ସଡକ ସୁରକ୍ଷା ନିମନ୍ତେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରିବା ନିମନ୍ତେ ଚଳିତ ବର୍ଷ ପ୍ରଥମ କରି ଜାନୁଆରୀ ୧୮ ତାରିଖରୁ ଫେବୃଆରୀ ମାସ ୧୭ ତାରିଖ ପର୍ଯ୍ୟନ୍ତ (ଏକ ମାସ) ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ , ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ କୁମାର ନାୟକ,ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର, ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁବ୍ରତ କୁମାର ବେହେରା,ଟ୍ରକ୍ ମାଲିକ ସଂଘ ଓ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ବିଭୁତି ପ୍ରସାଦ ଦାସ, ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସଙ୍କ ସମେତ ସମ୍ବଲପୁର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣଙ୍କ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।